# ଚାନ୍ଦବାଲିରେ ହେଉନି ପର୍ଯ୍ୟଟନ ବିକାଶ

ଚାନ୍ଦବାଲି,୧୯।୭
(ଅଶୋକ କୁମାର ପଣ୍ଡା)

■ ସୁଯୋଗ ଅଛି, ସରକାରୀ ଆନ୍ତରିକତା ନାହିଁ

■ ଏବେବି ଦୃଷ୍ଟି ଆଢୁଆଳରେ ଅନେକ ପୀଠ

ପର୍ଯ୍ୟଟନ କ୍ଷେତ୍ରରେ ପଛରେ ପଡ଼ିଛି ଚାନ୍ଦବାଲି ବ୍ଲକ। ବ୍ଲକରେ ପର୍ଯ୍ୟଟନର ବିକାଶ ଲାଗି ପର୍ଯ୍ୟାପ୍ତ ସୁଯୋଗ ଥିଲେ ହେଁ ସରକାରଙ୍କ ଆନ୍ତରିକତା ଅଭାବରୁ ଏଠାରେ ବିକାଶ ହେଉନାହିଁ। ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମ ଏହି ବ୍ଲକରେ ଅବସ୍ଥିତ ଥିବାବେଳେ ମା' ଧାମରାଈ ପୀଠ, ଓରାସାହିର ଡାକେଶ୍ୱରୀ ପୀଠ, ବାଲିଗାଁର ଦାସିଆ ବାଉରୀ ମଠ, ଗୋଲାଆଡିଆର ହିନ୍ଦୁ-ମୁସ୍‌ଲିମଙ୍କ ଭାଇଚାରାର ଧର୍ମପୀଠ ଦରଘା, ବଡ଼ଓସ୍ତିଆର ଗୋପାଳଲାଲଜୀଉ ମଠ, ଚାନ୍ଦବାଲିର ମା' ଦକ୍ଷିଣେଶ୍ୱରୀ କାଳୀପୀଠ, ପ୍ରାଚୀନ ଧାମରା ବନ୍ଦର ଓ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ନରେନ୍ଦ୍ରପୁରର ମଙ୍ଗଳା ପୀଠ ଆଦି ସ୍ଥାନର ବିକାଶ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। କେବଳ ଆରଡ଼ିସ୍ଥିତ ଆଖଣ୍ଡଳମଣି ପୀଠକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପୀଠ ଏବେବି ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଛି।

ଜୈବ ବିବିଧତାରେ ଭରା ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶପଥ ଭାବେ ଚାନ୍ଦବାଲି ଜଣାଶୁଣା। ଏଠାରେ ପ୍ରବାହିତ ବିଭିନ୍ନ ନଦୀରେ ଜଳଯାତ୍ରା ମଧ୍ୟ ଆମୋଦଦାୟକ। କେତେକ ପ୍ରାଚୀନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ କରା ନ ଯିବା ଫଳରେ ଏହା ଧ୍ୱଂସ ହେବାକୁ ଯାଉଛି। ପ୍ରାଚୀନ ବନ୍ଦରର ସ୍ମାରକୀମାନ ନଦୀପଠାରେ ପଡ଼ି ଖତ ହେଉଛି। କେତେକ ଲଙ୍ଗର ଓ ଜଞ୍ଜିରକୁ ଲୁହା ଚୋରମାନେ ଚୋରି କରି ନେଇଗଲେଣି। ଚାନ୍ଦବାଲି ସହରରେ ପର୍ଯ୍ୟଟକଙ୍କ ରହିବା ଲାଗି କେବଳ ଅରଣ୍ୟ ନିବାସଟିଏ ଛଡ଼ା ଆଉ କିଛି ଆକର୍ଷଣୀୟ ବ୍ୟବସ୍ଥା କରାଯାଉ ନାହିଁ। ଧାମରାଈ ପୀଠ ଓ ଧାମରା ନଦୀକୂଳ ସହ ମାଛଧରା ବନ୍ଦର ଓ ଧାମରା ବନ୍ଦରର ଭୌଗୋଳିକ ପରିବେଶ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। କିନ୍ତୁ ଗମନାଗମନ ଓ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକଙ୍କ ଆତଯାତ ଏଠାକୁ ବେଶୀ ହେଉନାହିଁ। ଚାନ୍ଦବାଲି ବ୍ଲକ ଓ ନିର୍ବାଚନମଣ୍ଡଳୀର ସମସ୍ତ ଦର୍ଶନୀୟ ସ୍ଥାନକୁ ନେଇ ଏକ ପର୍ଯ୍ୟଟନ ବଳୟ ତିଆରି କରିବା ଦିଗରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଲେ ଏଠାକାର ଅର୍ଥନୈତିକ ବିକାଶ ସହ ଚାନ୍ଦବାଲିର ଗୁରୁତ୍ୱ ବୃଦ୍ଧି ପାଆନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅସିତ୍ କୁମାର ମହାନ୍ତି କହିଛନ୍ତି, ଏଠାରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ନିମନ୍ତେ ମାସକ ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯାଞ୍ଚ କମିଟି ଅନୁଧାନ ପାଇଁ ଆସିଥିଲା। ଆରଡ଼ି ପୀଠର ସ୍ୱତନ୍ତ୍ର ବିକାଶ ସହ ଅନ୍ୟ ସମସ୍ତ ଧାର୍ମିକସ୍ଥଳଗୁଡ଼ିକର ବିକାଶ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ।

### ଏମାନେ କୁହନ୍ତି...

"ଚାନ୍ଦବାଲି ଅଞ୍ଚଳରେ ବହୁ ପ୍ରାଚୀନ ଆକର୍ଷଣୀୟ ପୀଠ ଓ ଐତିହାସିକ ସ୍ଥାନ ରହିଛି। ବିକାଶ ଅଭାବରୁ ଏହା ଲୋକଲୋଚନକୁ ଆସିପାରୁ ନାହିଁ। ସ୍ଥାନୀୟ ବିଧାୟକ, ଏମ୍‌ପି ଓ ରାଜନେତାମାନଙ୍କ ଦୃଷ୍ଟି ଆଢୁଆଳରେ ଏହି ସ୍ଥାନଗୁଡ଼ିକ ରହୁଥିବାରୁ ଅବହେଳିତ ଅବସ୍ଥାରେ ରହିଛି। ଏସବୁର ବିକାଶ ହୋଇପାରିଲେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରନ୍ତା।

**- ସଂଗ୍ରାମ କେଶରୀ ରାଉତ, ସାମାଜିକ କର୍ମୀ**

"ବିଭିନ୍ନ ଐତିହାସିକ କୀର୍ତ୍ତିରାଜି ସମ୍ବଳିତ ଚାନ୍ଦବାଲି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଚାନ୍ଦବାଲି ଅଞ୍ଚଳରେ ଥିବା ବିଭିନ୍ନ ଐତିହାସିକ କ୍ଷେତ୍ରରେ ବିକାଶ ସହ ପ୍ରଚାର, ପ୍ରସାର କରାଇଲେ ଏହା ଲୋକଲୋଚନକୁ ଆସିପାରିବ।

**- ବିଜୟ ସାହୁ, ମତୋ ବାସିନ୍ଦା**

## ହୋଟେଲରେ ଭଙ୍ଗାରୁଜା, ଆକ୍ରମଣ ଘଟଣା: ୨ ଗିରଫ

ତିହିଡ଼ି,୧୯।୭(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ଥିବା ମହାବୀର ହୋଟେଲରେ ଭଙ୍ଗାରୁଜା ଓ ଆକ୍ରମଣ ଘଟଣାରେ ୨ଜଣଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି କୋହ୍ଲ ମାଝିସାହି ଗ୍ରାମର ମଞ୍ଜିତ କୁମାର ସାହୁ ଏବଂ ଓରଡ଼ା ଗ୍ରାମର ଶୁଭଙ୍କର ଦାସ। ପ୍ରକାଶ ଯେ, ଗତ ୧୫ ତାରିଖ ଅପରାହ୍ନରେ ପିରହାଟ ଥାନା ଅଧୀନ କାନପୁର ଗ୍ରାମର ସମୀର ଓଝା ନାମକ ବ୍ୟକ୍ତି ତାଙ୍କ ଝିଅ ବାହାଘର ପାଇଁ ଏହି ହୋଟେଲରେ ବରଯାତ୍ରୀଙ୍କ ନିମନ୍ତେ ଖାଇବା ବ୍ୟବସ୍ଥା କରିଥିଲେ। ସେହିଦିନ ଅନ୍ୟ ୨ ବରଯାତ୍ରୀ ଦଳ ପାଇଁ ଉକ୍ତ ହୋଟେଲରେ ମଧ ଖାଇବା ବ୍ୟବସ୍ଥା ହୋଇଥିଲା। ସେହି ୨ଦଳର ବରଯାତ୍ରୀ ଖାଉଥିବା ସମୟରେ ନିଶାସକ୍ତ ଅବସ୍ଥାରେ ପରସ୍ପରକୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ଗୋଟିଏ ଦଳର ବରଯାତ୍ରୀ ଅନ୍ୟ ଦଳର ବରଯାତ୍ରୀଙ୍କୁ ଆକ୍ରମଣ ଉଦ୍ଦେଶ୍ୟରେ କେତେଜଣ ସ୍ଥାନୀୟ ଲୋକଙ୍କୁ ଡକାଇଥିଲେ। ସେମାନେ ହୋଟେଲରେ ପହଞ୍ଚି ବିଭିନ୍ନ ମାରଣାସ୍ତ୍ରରେ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ହୋଟେଲରେ ଭଙ୍ଗାରୁଜା କରିବା ସହ ବରଯାତ୍ରୀଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟକୁ ଫିଙ୍ଗି ଦେଇଥିଲେ। ଆକ୍ରମଣରେ ୧୦ଜଣ ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ.୩୨୬/୨୪) ରୁଜୁ କରିଥିଲା।

## ବ୍ଲକ କାର୍ଯ୍ୟାଳୟ ପରିସରରେ ଷଣ୍ଢ ଉପଦ୍ରବ

ବାସୁଦେବପୁର,୧୯।୭
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ଷଣ୍ଢ ଉପଦ୍ରବ। ଏକ ଷଣ୍ଢ ନିୟମିତ ଭାବେ ଏଠାରେ ଯୋଗାଣ ବିଭାଗ, କମ୍ପ୍ୟୁଟର ଅପରେଟର ବସୁଥିବା କୋଠରୀ ଆଗରେ ଥିବା କୋଠାଗୃହ ପରିସରରେ ଆଶ୍ରୟ ନେଉଛି। ଅଫିସକୁ ଆସୁଥିବା ଲୋକ ଓ କର୍ମଚାରୀଙ୍କ ଯାତାୟାତରେ ବାଧା ଉପୁଜୁଛି। ଏଥିସହ ପ୍ରତିଦିନ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଷଣ୍ଢଟି ଅଫିସ ପରିସରରେ ମଳମୂତ୍ର ତ୍ୟାଗ କରୁଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଗୁରୁବାର ଗୋବରରେ ଗୋଡ଼ ପଡ଼ି ଖସିଯିବାରୁ ଜଣେ ବ୍ୟକ୍ତିଙ୍କ କିଛି ଫାଇଲ ଓ ଦରକାରୀ କାଗଜପତ୍ର ବର୍ଷାପାଣିରେ ପଡ଼ି ନଷ୍ଟ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଲା ଷଣ୍ଢ ଓ ଗୋରୁଙ୍କ ପ୍ରବେଶରେ ଅନ୍ତରାୟ ସୃଷ୍ଟି ପାଇଁ ଦୀର୍ଘବର୍ଷ ପୂର୍ବରୁ ନିର୍ମିତ କାଓକେଚରଟି ପୋତି ହୋଇପଡ଼ିଛି। ଫଳରେ ଏହି ସ୍ଥାନରେ ବର୍ଷାଜଳ ଜମି ରହୁଛି। ନିୟମିତ ବ୍ୟବଧାନରେ ସରକାରୀ ପଦସ୍ଥ ଅଧିକାରୀ, ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଅଧିକାରୀ, ଲୋକ ପ୍ରତିନିଧି ବ୍ଲକ କାର୍ଯ୍ୟାଳୟକୁ ପ୍ରବେଶ କରୁଥିବା ବେଳେ ଏହି କାଓକେଚରର ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଉଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜମି ମାପକୁ ବିରୋଧ



ତହସିଲଦାର ସାରା ହେମ୍ବ୍ରମ ସରପଞ୍ଚ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ବନ୍ତ,୧୯।୭(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ତହସିଲ କେନ୍ଦୁଆପଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ଆମ୍ଭୋର ମୌଜାର ଏକ ଜମି ମାପକୁ ଅପରପକ୍ଷ ବିରୋଧ କରିଛନ୍ତି। ଫଳରେ ଶୁକ୍ରବାର ଉକ୍ତ ଜମି ମାପଚୁପ ହୋଇପାରି ନାହିଁ। ଅପରପକ୍ଷରୁ ବୀଣାପାଣି ଜେନା, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା, ରାମପୁରର ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ନାୟକ ଓ ରାମକୃଷ୍ଣପୁରର ପୂର୍ବତନ ସରପଞ୍ଚ ଦୁର୍ଗା ଚରଣ ବିଶ୍ୱାଳ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରତିବାଦ ଜଣାଇଥିଲେ।

ପ୍ରକାଶ ଯେ, ଆମ୍ଭୋର ମୌଜାର ଖାତା ନଂ. ୭୪୭/୬୩୪, ପ୍ଲଟ ନଂ.୨୧୧୭, କିସମ-ଶାରଦ ଦୁଇ ଏବଂ ଏରିଆ ଏ.୦.୫୯ ଡିସିମିଲ ଜମିର ସୀମା ନିର୍ଦ୍ଧାରଣ ପାଇଁ ବନମାଳା ଦାସ ତହସିଲରେ ଡିମାର୍କେସନ କେସ୍ (ନଂ.୧୦/୨୦୨୪) କରିଥିଲେ। ସେହି ଅନୁଯାୟୀ ତହସିଲ ପକ୍ଷରୁ ଅପରପକ୍ଷ ବୀଣାପାଣିଙ୍କ ଉପରେ ନୋଟିସ୍ କରାଯାଇଥିଲା। ଚଳିତମାସ ୩ ତାରିଖରେ ମାପ ପାଇଁ ଆର୍‌ଆଇ ଓ ଅମିନ ଆସିଥିଲେ। ସେଦିନ ବର୍ଷା ପାଗ ସହ ଅପରପକ୍ଷ ବିରୋଧ କରିବାରୁ ମାପ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ୧୯ ତାରିଖ ଅର୍ଥାତ୍ ଶୁକ୍ରବାର ମାପ କରାଯିବାକୁ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। ସେହି ଅନୁଯାୟୀ ତହସିଲ ଓ ପୋଲିସ ପ୍ରଶାସନ ଉକ୍ତ ଜମିରେ ମାପ କରିବା ପାଇଁ ପହଞ୍ଚିଥିଲେ। ଉକ୍ତ ଜମିର ୫ଜଣ ଅଂଶୀଦାର ଥିବାବେଳେ କିପରି ବନମାଳା ଏକାକୀ ଡିମାର୍କେସନ ମାଗିଛନ୍ତି। ଏଥିସହ ସେ ଭଦ୍ରକ ସିଭିଲ କୋର୍ଟ ସିନିୟର ଡିଭିଜନ ଅଦାଲତରେ (ନଂ.୨୫୬/୨୦୨୪)ରେ ଉପରୋକ୍ତ ଖାତା ସମେତ ଅନ୍ୟ ଇଜିମାଇଲି ସମ୍ପତ୍ତିର ଭାଗ ବଣ୍ଟା ପାଇଁ ଏକ ମକଦ୍ଦମା କରିଛନ୍ତି ବୋଲି ଅପରପକ୍ଷ ପ୍ରଶ୍ନ ଉଠାଇଥିଲେ। ଅପରପକ୍ଷ ବନମାଳାଙ୍କ ବିରୋଧରେ ସିଭିଲ କୋର୍ଟରେ କେସ୍ (ନଂ.୩୧୫/୨୦୨୪) ଏବଂ ଅସ୍ଥାୟୀ ନିଷେଧାଜ୍ଞା ପାଇଁ ଆଇଏ ନଂ.୧୬୯/୨୦୨୪ ଆଗତ କରିଛନ୍ତି। ଯାହା ଏବେ ବିଚାରାଧୀନ ରହିଛି। ଏପରି ସ୍ଥଳେ ଉକ୍ତ ଜମି ଉପରେ କିପରି ଡିମାର୍କେସନ କରାଯାଉଛି ବୋଲି ବୀଣାପାଣି କହିଥିଲେ। ଜୁନ୍ ୧୫ ପରେ ତହସିଲ ପକ୍ଷରୁ କୌଣସି ଡିମାର୍କେସନ ହେଉ ନ ଥିବା ବେଳେ ଆଜିର ଏଭଳି ବର୍ଷା ପାଗରେ କିଭଳି ମାପଚୁପ କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଗଣମାଧ୍ୟମ ଜରିଆରେ ସେ ଜିଲାପାଳ ଓ ଉପଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶେଷରେ ସରପଞ୍ଚ ଉଭୟ ପକ୍ଷକୁ ନେଇ ତହସିଲଦାରଙ୍କ ଉପସ୍ଥିତିରେ ଆପୋଷ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ମାପଚୁପ ସ୍ଥଗିତ ରଖାଯାଇଛି। ତହସିଲଦାର ସାରା ହେମ୍ବ୍ରମ, ସୁପରଭାଇଜର ବ୍ରଜକିଶୋର ଦାସ, ଏଆର୍‌ଆଇ ବିଶ୍ୱଜିତ ପାତ୍ର, ଅମିନ ସୁବାଷ ଚନ୍ଦ୍ର ପଲେଇଙ୍କ ସହ କେନ୍ଦୁଆପଦା ଫାଣ୍ଡି ପୋଲିସ ଉପସ୍ଥିତ ଥିଲେ।

## 'ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଓଡ଼ିଆ ଅସ୍ମିତାର ପରିଚୟ'



ଧାମନଗର କଲେଜରେ ଅନୁଷ୍ଠିତ ସମ୍ମାନରେ ଉପସ୍ଥିତ ଅତିଥିମାନେ।

### ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସମ୍ମାନ

ଧାମନଗର,୧୯।୭(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଭୁବନେଶ୍ୱର ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଧାମନଗର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଅନୁଷ୍ଠିତ ସମ୍ମାନକୁ ମୁଖ୍ୟଅତିଥି, ଆଲୋଚକ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଏମ୍‌ଡି ଇସ୍ରାଇଲଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ପରିଚାଳନା ପରିଷଦ ସଭାପତି ନିରାକାର ମିଶ୍ର, ସାହିତ୍ୟିକ ପ୍ରେମାନନ୍ଦ ମହାପାତ୍ର, ଆଲୋଚକ ଭାବେ ଡ. ବିଜୟଲକ୍ଷ୍ମୀ ଦାଶ ଓ ଡ. ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗ 'ଓଡ଼ିଆ ଭାଷା ସାହିତ୍ୟକୁ ଭଦ୍ରକର ଅବଦାନ, ଗଣମାଧ୍ୟମର ଭାଷା, ଅଭିଲେଖରେ ଓଡ଼ିଆ ଭାଷାର ପରିବର୍ତ୍ତନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରଦାନ ସମୟରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ଭିତ୍ତିରେ କରାଯାଇ ନ ଥିଲା, ଯାହାକି ଓଡ଼ିଆ ଅସ୍ମିତାର ପରିଚୟ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟର ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ବିଶ୍ୱଜିତା ବାରିକ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ସଞ୍ଜୟ ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିଲେ।

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁସ୍ତକ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅଧ୍ୟାପକ ପ୍ରଦୀପ କୁମାର ରାଏ, ସନ୍ଦୀପ କୁମାର ଘୋଷ, ଡ. ଦେବାଶିଷ ମଲ୍ଲିକ, ଆଶୀର୍ବାଦ ମହାନ୍ତି, ଡ. ସାଜିଆ ତମ୍‌କିନ, କଲ୍ୟାଣୀ ଦାସ, ସୁଶ୍ରୀ ସଙ୍ଗୀତା ନାୟକ, ବାସ୍ତବିକା ଦାଶ, ଅମିତା ଦାଶ, ଡ. ପ୍ରଶାନ୍ତ ପରିଡ଼ା, ଚିନ୍ମୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସ୍ମରଣିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୬୦ ବସ୍ତା ଚୋରା କୋଇଲା ଜବତ

ତିହିଡ଼ି,୧୯।୭(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ପାଳିଆ ଗ୍ରାମରୁ ପୋଲିସ ୬୦ବସ୍ତା ଚୋରା କୋଇଲା ଜବତ କରିଛି। ଗତ ୧୭ ତାରିଖ ରାତିରେ ଏହି ଚୋରା କୋଇଲା ଏକ ୧୬ ଚକିଆ ଟ୍ରକ୍‌ରେ ବୋଝେଇ ହେଉଥିଲା। ରାତି ପାଟ୍ରୋଲିଂରେ ଥିବା ପୋଲିସ କୋଇଲା ସହ ଟ୍ରକ୍ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୩୦/୨୪) ରୁଜୁ କରିଛି। ପୋଲିସର ଚଢ଼ାଉ ବେଳେ ଗାଡ଼ି ଚାଳକ ଓ କୋଇଲା ବେପାରୀ ଫେରାର ହୋଇଯାଇଥିଲେ। ଏହି କୋଇଲା ଧାମରା ବନ୍ଦର କମ୍ପାନୀର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ସ୍କୁଲରେ ରକ୍ତଦାନ ଶିବିର: ୬୦ ୟୁନିଟ୍ ସଂଗୃହୀତ

ଭଦ୍ରକ,୧୯।୭(ସନାତନ ରାଉତ/ରବିନାରାୟଣ ଖିଲାର)



ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସ୍କୁଲ ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା ଓ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବ୍ଲଡ୍‌ବ୍ୟାଙ୍କର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ରକ୍ତଦାତାମାନଙ୍କୁ ଫଳ ପ୍ରଦାନ କରାଯାଇଥିଲା। ସ୍କୁଲ ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ଅଗସ୍ତି, ଚେୟାରମ୍ୟାନ ଆଶାବରୀ କର, ମ୍ୟାନେଜିଂ ଡାଇରେକ୍ଟର ବନ୍ଦିତା ଦୀକ୍ଷିତ୍ ଓ ରାମେଶ୍ୱର ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ଭଣ୍ଡାରିପୋଖରୀ,୧୯।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର-ବଳିଘାଇ ପୂର୍ତ୍ତ ରାସ୍ତାର ପର୍ବତୀ ଛକରେ ଶୁକ୍ରବାର ଏକ ବେଆଇନ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଲୋକେ ପୋଲିସ ଜିମା ଦେଇଛନ୍ତି। ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ଚାଲାଣ ହେଉଥିବା ଖବରପାଇ ବଜରଙ୍ଗ ଦଳ ଓ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଉଦ୍ଧାର ୫ ଗୋରୁଙ୍କୁ ମଇତାପୁର ଗୋଶାଳାରେ ଛଡ଼ାଯାଇଛି। ଏନେଇ ଥାନାରେ ମାମଲା (ନଂ.୩୧୬/୨୪) ରୁଜୁ ହୋଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ବିଦାୟୀ ଅଧ୍ୟକ୍ଷ ଅନାଦି ଚରଣ ସାହୁ, କର୍ମଚାରୀ ଅନନ୍ତ କୁମାର ରଣାଙ୍କ ସହ ଅଧ୍ୟାପିକାଅଧ୍ୟାପକ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୧୯।୭
(ରାଜେନ୍ଦ୍ର ଶତପଥୀ)

ବାରିକପୁର ଡିଗ୍ରୀ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଅନାଦି ଚରଣ ସାହୁ ଓ କର୍ମଚାରୀ ଅନନ୍ତ କୁମାର ରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର କଲେଜ ପରିସରରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଅଧ୍ୟାପକ ମନୋଜ କୁମାର ପାଢ଼ୀଙ୍କ ସଞ୍ଚାଳନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୬୬୨ ମହାବିଦ୍ୟାଳୟ ସଂଘ ସଭାପତି ଗୋଲକ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବର୍ଗ କଲେଜ କର୍ମଚାରୀଙ୍କ ଆବଶ୍ୟକତା ସମ୍ପର୍କରେ ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ନିରାମୟ ଭବିଷ୍ୟତ କାମନା କରିଥିଲେ। ରୀତାଞ୍ଜଳି ପାରମାଣିକ, ଅନୁପମା ତ୍ରିପାଠୀ, କଳିଙ୍ଗ ପ୍ରଧାନ, ଗୌରାଙ୍ଗ ଚରଣ ନାଥ, ସନ୍ତୋଷ ଲେଙ୍କା, ଉମାକାନ୍ତ ମହାଳିକ, ସୁରେଶ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ମଲ୍ଲିକ, ସରୋଜ କୁମାର ରାଉତ, ନାରାୟଣ ଚନ୍ଦ୍ର ସେଠୀ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଗିରିଧାରୀ ପାଲ ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ସହକର୍ମୀଙ୍କ ସ୍ମରଣୀୟ ମୁହୂର୍ତ୍ତ ସମ୍ପର୍କରେ କହିଥିଲେ। ସ୍ମିତା ସାଗରିକା, ଶୁଭଲକ୍ଷ୍ମୀ ରାଉତ, ଶ୍ରଦ୍ଧାଞ୍ଜଳି ସୂତାର, ଆକାଶ କୁମାର ଦାସ, ନୀଳମଣି ବେହେରା, ବିଶ୍ୱରଞ୍ଜନ ମହାପାତ୍ର, ହିମାଂଶୁ ଶେଖର ସାମଲ, ମମତା ନାୟକ, ଅଭିମନ୍ୟୁ ଘଡ଼େଇ, ସନ୍ତୋଷ ଜେନା, ପ୍ରମୋଦ ନାୟକ, ଅନୁପମା ଗୋଛାୟତ, ମନୋଜ ନାୟକ ପ୍ରମୁଖ କର୍ମଚାରୀ ପରିଚାଳନା କରିଥିଲେ।

## ଚୋରା ଗଞ୍ଜେଇ କାରବାରର ପେଣ୍ଠସ୍ଥଳ ବେତଡ଼ା ବଜାର

### ୨୦ କେଜି ଗଞ୍ଜେଇ ସହ କାର୍, ବାଇକ୍, ୫୦ ହଜାର ଟଙ୍କା ଜବତ, ୩ ଗିରଫ

ବାସୁଦେବପୁର,୧୯।୭
(ନାରାୟଣ ପ୍ରସାଦ ବାରିକ୍)


ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଉଛି।

ଭଦ୍ରକ ଜିଲା ବାସୁଦେବପର ଥାନା ଅଧୀନ ବେତଡ଼ା ବଜାର ସମେତ ଗୋରୁହାଟ ପଡ଼ିଆ ସଂଲଗ୍ନ ଅଞ୍ଚଳ ଏବେ ଚୋରା ଗଞ୍ଜେଇ ଓ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ବାସୁଦେବପୁର ଥାନା ପୋଲିସ ଗୁରୁବାର ବେତଡ଼ା ବଜାର ଅଞ୍ଚଳରେ ଚଢ଼ାଉ କରି ୨୦ କେଜି ଗଞ୍ଜେଇ ଭର୍ତ୍ତି ଥିବା ଏକ କାର୍, ଏକ ବାଇକ୍ ଓ ନଗଦ ୫୦ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ କୋଲକାତାର ୩ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୩ଟି ମୋବାଇଲ ଜବତ କରାଯାଇଛି। ଗିରଫ ୩ ଅଭିଯୁକ୍ତ ହେଲେ କୋଲକାତା ଚବିଶପ୍ରଗଣା ଜିଲାର ମାଗ୍ରାହାଟ ଥାନା ଅଧୀନ ମାଗ୍ରାହାଟ ଗାଁର କାଲୁ ହାଲଦାର(୩୭), ମସ୍‌ରଫିଲ ଲସକାର(୧୯) ଓ ଚବିଶପ୍ରଗଣା ଜିଲା ବାସୁଦେବପୁର ଥାନା ଅଧୀନ ଶ୍ୟାମନଗର ଗାଁର ସୁଜୟ ସରକାର। ଏନେଇ ଥାନାରେ ମାମଲା (ନଂ.୫୩୫/୨୪) ରୁଜୁ ହୋଇଛି। ଶୁକ୍ରବାର ଅପରାହ୍ନରେ ବାସୁଦେବପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ଲୋପାମୁଦ୍ରା ନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗିରଫ ୩ ଯୁବକ ଏକ ୱାଗନର କାର୍ ଧରି ଗଞ୍ଜେଇ ନେବାକୁ କୋଲକାତାରୁ ବେତଡ଼ା ବଜାରକୁ ଆସିଥିଲେ। ବେତଡ଼ା ଅଞ୍ଚଳର ଜଣେ ଚୋରା ଗଞ୍ଜେଇ ବେପାରୀଙ୍କଠାରୁ ଗଞ୍ଜେଇ କିଣି କାର୍‌ରେ ରଖି ବେତଡ଼ା ଗୋରୁହାଟ ପଡ଼ିଆରେ ଅପେକ୍ଷା କରିଥିଲେ। ଖବରପାଇ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତାଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନା ଆଇଆଇସି ନାୟକଙ୍କ ସହ ଏସ୍‌ଆଇ ପୁନମଦେବୀ ବେହେରା, ଅଧିକାରୀ ଦେବୀପ୍ରସାଦ ମହାପାତ୍ର ଓ କନ୍‌ଷ୍ଟେବଲ ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ସଦଳବଳ ଚଢ଼ାଉ କରିଥିଲେ। ଗାଡ଼ି ଜବତ ସହ ୩ ଯୁବକଙ୍କୁ ଧରି ଥାନାକୁ ନେଇଥିଲେ। ସେହିପରି ବାସୁଦେବପୁର ବଜାରର ମାତାଜୀ ମଠ ଛକଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେତଡ଼ା ଚନ୍ଦନପୁର ଗ୍ରାମର କଳ୍ପତରୁ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୯ କେଜି ଗଞ୍ଜେଇ, ୧୨ ହଜାର ଟଙ୍କା ଓ ଏକ ଚାରିଚକିଆ ଗାଡ଼ି ପୋଲିସ ଜବତ କରିଛି। ତାଙ୍କ ସହଯୋଗୀ ଖସି ପଳାଇଛନ୍ତି। ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୬୬/୨୪) ରୁଜୁ କରାଯାଇଛି।

## ୪ର୍ଥ ଦିନରେ ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା

ଭଣ୍ଡାରିପୋଖରୀ,
୧୯।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ନାରାୟଣପୁର-ଭାଗଡ଼ା ଟୋଲ୍‌ଗେଟ କର୍ମଚାରୀଙ୍କ ଧାରଣା ୪ର୍ଥ ଦିନରେ ପହଞ୍ଚିଛି। ଗୁରୁବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ପିଡି ଜେ.ପି. ବର୍ମା ଓ ବିଧାୟକ ସଞ୍ଜୀବ ମଲ୍ଲିକ ଧାରଣାରତ କର୍ମଚାରୀଙ୍କ ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଦାବି ପୂରଣ ପାଇଁ ୭ ଦିନ ସମୟ ଚାହିଁବାରୁ ଧାରଣା ଅବ୍ୟାହତ ରହିଛି। ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ କମଳାକାନ୍ତ ପରିଡ଼ା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା, ଭଗବାନ ସାମଲ, ପର୍ଶୁରାମ ରାୟ, ପ୍ରବୀର କୁମାର ରାଉତ, ମୃତ୍ୟୁଞ୍ଜୟ ମହାପାତ୍ର, ନିଗମାନନ୍ଦ ଯେନା, ଭବାନୀ ଶଙ୍କର ନାୟକ ପ୍ରମୁଖ ୭୦ଜଣ ଧାରଣାରତ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟୋଲ୍‌ଗେଟ୍ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ଧାରଣାରତ ଟୋଲ୍‌ପ୍ଲାଜା କର୍ମଚାରୀମାନେ।

## ସଂକ୍ଷେପରେ

### ପାଣିନାଳରୁ ମୃତଦେହ ଜବତ

ଖଇରା, ୧୯।୭(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ଗ୍ରାମ ସଂଲଗ୍ନ ପାଣିନାଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ବ୍ୟକ୍ତି ହେଲେ ସେହି ଗ୍ରାମର ଶଶିକାନ୍ତ ଦାଶ(୪୦) । ଶୁକ୍ରବାର ସକାଳେ ଗ୍ରାମବାସୀ ପାଣିରେ ଶଶିକାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ଖଇରା ମେଡିକାଲ ନେଇଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୌଚ ହେବାକୁ ଯାଇ ପାଣିରେ ଗୋଡ ଖସିଯିବା ତାଙ୍କ ମୃତ୍ୟୁର କାରଣ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି ।

### ଖଇରାରେ ପୁଣି ଚୋରି

ଖଇରା, ୧୯।୭(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଚୋରି ଡକାୟତି ଦୈନନ୍ଦିନ ଘଟଣା ପାଲିଟିଥିବା ବେଳେ ଗୁରୁବାର ରାତିରେ କଳରାପାଳ ଗ୍ରାମରୁ ପୁଣି ଏକ ଚୋରି ଘଟଣା ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି । ଅଭିଯୋଗ ଅନୁଯାୟୀ ଗ୍ରାମର ନୂଆଘର କରିଥିବା ଭବାନୀ ହାତୀ ଗୁରୁବାର ସନ୍ଧ୍ୟାରେ ଘରେ ତାଲାଦେଇ ବାପଘର ବାଙ୍ଗୁରୁ ଯାଇଥିଲେ। ସକାଳେ ଫେରି ଘର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଚୋରମାନେ ସୁନା ଅଳଙ୍କାର, ନଗଦ ଅର୍ଥ ଓ ଆସବାବପତ୍ର ନେଇଥିବାର ସେ ଥାନାରେ ଅଭିଯୋଗ କରିଛନ୍ତି। ୧୦ରୁ ଉର୍ଦ୍ଧ୍ୱ ଚୋରି ଡକାୟତି ଘଟଣାରେ ଜଣେ ହେଲେ କେହି ଅଭିଯୁକ୍ତ ଧରାପଡି ନ ଥିବାରୁ ଗ୍ରାମବାସୀ ନିଶ୍ଚିନ୍ତରେ ଶୋଇ ପାରୁନାହାନ୍ତି।

### ଭାରସାମ୍ୟ ହରାଇ ଓଲଟିଲା ବାଲି ବୋଝେଇ ଟ୍ରକ୍



ନୀଳଗିରି, ୧୯।୭(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ଶେରଗଡ଼-ନୀଳଗିରି-ଝରଣାଘାଟି ୧୯ନଂ. ରାଜ୍ୟ ରାଜପଥର ୧୧ ନମ୍ବର ପୋଲ ଭାଲୁକାଶୁଣି ଛକ ନିକଟରେ ଶୁକ୍ରବାର ସକାଳେ ଏକ ବାଲି ବୋଝେଇ ଟ୍ରକ୍ ଅନ୍ୟ ଏକ ଗାଡିକୁ ସାଇଡ୍ ଦେଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଓ ହେଲପରଙ୍କ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିବା ଜଣାପଡ଼ିଛି।

ଏହି ବାଲି ବୋଝେଇ ଟ୍ରକ୍ (ନଂ.-ଓଡ଼ି୦୧ ଏଏମ୍-୫୯୫୯) ଯାଜପୁରରୁ ଉଦଳା ଅଭିମୁଖେ ଯାଉଥିଲା। ଏଥିସହିତ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଯାନବାହନ ଚଳାଚଳ କରି ନ ପାରି ଅଟକି ରହିଥିବା ଦେଖାଯାଇଥିଲା। ନୀଳଗିରି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୧୨ଚକିଆ ଟ୍ରକକୁ ହଟାଇଥିଲେ।

# 'ସାମାଜିକ ଦାୟିତ୍ୱ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ୁଛି'



ଅତିଥିଙ୍କ ଗହଣରେ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

ବାଲେଶ୍ୱର, ୧୯।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ନିଜର ସାମାଜିକ ସମର୍ଥିତ, ସଚେତନତାଧର୍ମୀ ତଥା ସାମାଜିକ ବିକାଶ କାର୍ଯ୍ୟକ୍ରମ ସମ୍ପାଦନ ଉପରେ ଧ୍ୟାନ ଦେଇଆସୁଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଧିକ ସାମାଜିକ ଦାୟିତ୍ୱ ଗ୍ରହଣ କରିବାର ଆବେଗ ଲକ୍ଷ୍ୟ ଦେଖିବାକୁ ମିଳୁଥିବା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ବିଗତ ବର୍ଷରେ ବିଶ୍ୱବିଦ୍ୟାଳୟ ସହ ସେଣ୍ଟର ଫର ୟୁଥ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟ (ସିୱାଇଏସ୍‌ଡି)/ ଯୁବ ଓ ସାମାଜିକ ବିକାଶ କେନ୍ଦ୍ରର ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବା ଫଳରେ ଏହା ସମ୍ଭବ ହୋଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ସିୱାଇଏସ୍‌ଡି ସଙ୍ଗଠନ ସହ-ପ୍ରତିଷ୍ଠାତା ଓ ପରାମର୍ଶଦାତା ଜଗଦାନନ୍ଦ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ସହ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କିପରି କରାଯାଇପାରିବ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ଶେଷ ହେବା ପରେ କୁଳପତି ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ଏକ୍ସଟ୍ରା ମୋରାଲ ଲେକଚର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଜଗଦାନନ୍ଦ, ସମ୍ମାନନୀୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ଜନସଂଖ୍ୟା ଅଧ୍ୟୟନ ବିଭାଗ ମୁଖ୍ୟ ଡ. ଗ୍ରେସ୍ ବି ମୁଣ୍ଡ ଉପସ୍ଥିତ ରହି ମୁଖ୍ୟ ପ୍ରସଙ୍ଗ 'ଓଡ଼ିଶାର ଜନସଂଖ୍ୟା ପରିବର୍ତ୍ତନ: ଅନ୍ତର୍ଦୃଷ୍ଟି, ଆହ୍ୱାନ ଏବଂ ଦିଗଗୁଡ଼ିକ' ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପ୍ରଫେସର ମଧୁମିତା ଦାସ, ଜାତୀୟ ଶିକ୍ଷାନୀତିକୁ ଅନୁସରଣ କରି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଦାୟିତ୍ୱସମ୍ପନ୍ନ ହେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ଦକ୍ଷତା ବିକାଶ, ବିଶ୍ଳେଷଣାତ୍ମକ ଚିନ୍ତାଧାରା, ସମାଲୋଚନାକାରୀ ଚିନ୍ତାଧାରା, ସାମଗ୍ରିକ ଏବଂ ବହୁ ବିକାଶମୂଳକ ଚିନ୍ତାଧାରା, ନୈତିକ ଏବଂ ମୂଲ୍ୟବାନ ଶିକ୍ଷାପଦ୍ଧତି, ପରୀକ୍ଷାମୂଳକ ଶିକ୍ଷା ଆଦି ଦିଗକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଅଧ୍ୟାପିକାଅଧ୍ୟାପକମାନଙ୍କୁ ଉପଦେଶ ଦେଇଥିଲେ। ଏଥିସହିତ ଜଗଦାନନ୍ଦ, ମୂଳପ୍ରସଙ୍ଗ ସମ୍ପର୍କିତ ଏକ ଅଧ୍ୟାପନାର ଉପସ୍ଥାପନା ଏବଂ ତତ୍‌ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉପସ୍ଥାପନା ପ୍ରଦର୍ଶିତ କରିଥିଲେ। ବିଭିନ୍ନ ବିଭାଗ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନାଚକ୍ର ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମୋଆତୁଲା ଆଓ ସଞ୍ଚାଳନ କରିଥିଲେ। ବିଭାଗ ମୁଖ୍ୟ ଡ. ଗ୍ରେସ୍‌ବି ମୁଣ୍ଡ ଅତିଥିମାନଙ୍କ ପରିଚୟ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ସୂଚିତ କରିଥିବା ବେଳେ ଡ. ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ସୋର ବ୍ଲକରେ ପଞ୍ଚାୟତ ସମିତି ବୈଠକ

ସୋର, ୧୯।୭(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ଅଧିବେଶନ ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ମାଧବ ଧଡ଼ା, ବିଡିଓ ସତ୍ୟନାଥ ନାୟକ, ଜିଲା ପରିଷଦ ସଦସ୍ୟ ଜୟରାମ ଦାସ, ଜୟନ୍ତ କୁମାର ସ୍ୱାଇଁ, ଏଇଇ ଲିପିକା ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ମତ୍ସ୍ୟ ସମ୍ପଦ, ମିଶନ ଶକ୍ତି, କୃଷି ଏବଂ ବିଭିନ୍ନ ବିଭାଗରେ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ବିଭାଗର ଅଧିକାରୀଙ୍କ ସମେତ ପଞ୍ଚାୟତ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିପିଓ ସୁଧୀର ସାହୁ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ଡ୍ରେନ୍‌ରେ ପଡି ଯୁବକ ମୃତ

ବାହାନଗା, ୧୯।୭(ଅରୂପ୍ କୁମାର ଦାସ)

ଗୁରୁବାର ବିଳମ୍ବିତ ରାତିରେ ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ଦଳେଇସାହିର ଜଣେ ଯୁବକ ଡ୍ରେନରେ ପଡି ପ୍ରାଣ ହରାଇଛନ୍ତି। ଏନେଇ ଗୋପାଳପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

ଦଳେଇସାହିର ପ୍ରଭାକର ଦାସ(୪୩) ଗୁରୁବାର ବିଳମ୍ବିତ ରାତିରେ ଏକା ଘରକୁ ଫେରୁଥିବା ବେଳେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଡ୍ରେନରେ ପଡିଯାଇଥିଲେ। ସେଠାରୁ ଉଠି ପାରି ନ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପ୍ରଭାକର ବସ୍‌ରେ ହେଲପର ଭାବେ କାମ କରେ। ବସ୍‌ରୁ ଓହ୍ଲାଇ ସେ ରାତିରେ ଘରକୁ ଫେରେ। ସକାଳେ ଲୋକମାନେ ଡ୍ରେନ ଭିତରେ ତାଙ୍କୁ ପଡିଥିବା ଦେଖି ସେଠାରୁ ଉଠାଇ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ଥାନା ପୋଲିସ୍ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଜଳେଶ୍ୱର, ୧୯।୭(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତ ବ୍ରାହ୍ମଣ ଗଡ଼ିଆ ସାହିରେ ବିଜୁ ଦଣ୍ଡପାଟଙ୍କ ସ୍ତ୍ରୀ ବିନତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବିନତିଙ୍କ ଶାଶୁ ଅମ୍ବି ଶୁକ୍ରବାର ଅପରାହ୍ନ ୧ଟା ବେଳେ ଚାଷ କାମରୁ ଆସି ତାଙ୍କ ବୋହୂ ବିନତି ସନ୍ଦେହଜନକ ଅବସ୍ଥାରେ ଘରେ ପଡ଼ିରହିଥିବା ଦେଖିଥିଲେ। ସେ ସାଙ୍ଗେ ସାଙ୍ଗେ ପଡ଼ିଶା ଲୋକଙ୍କୁ ଡାକିବା ସହ ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ମହିଳାଙ୍କ ବାପଘର ଲୋକେ ପହଞ୍ଚି ଉତ୍ତ୍ୟକ୍ତ ହୋଇ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଦୀର୍ଘ ସମୟ ବୁଝାଶୁଝା ପରେ ପୋଲିସ ଗାଡ଼ି ସହିତ ମୃତଦେହକୁ ଡାକ୍ତରଖାନାକୁ ଆଣିଥିଲେ। ମୃତକଙ୍କ ଭଉଣୀ ମଲି ବେହେରା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଉଣୀକୁ ତାଙ୍କ ସ୍ୱାମୀ ଏବଂ ଶାଶୁ, ଶ୍ୱଶୁର ଯୌତୁକ ପାଇଁ ହତ୍ୟା କରିଛନ୍ତି। ପୋଲିସ ଏହି ଘଟଣାରେ ମହିଳାଙ୍କ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଅଟକ ରଖିଛି। ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ, ରାଇବଣିଆ ଆଇଆଇସି ବାରିଣୀ ଦାସ, ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ନୀଳରକ୍ତ କଙ୍କଡ଼ା, ହେନ୍ତାଳବଣର ସୁରକ୍ଷା ଦାବି

ବାଲେଶ୍ୱର,୧୯।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ସମାଜ ଓ ପରିବେଶ ପ୍ରତି ସମର୍ପିତ ସାମାଜିକ ଅନୁଷ୍ଠାନ 'ଅରଣ୍ୟକ' ପକ୍ଷରୁ ନୀଳରକ୍ତ କଙ୍କଡ଼ା ଏବଂ ହେନ୍ତାଳବଣର ସୁରକ୍ଷା ଦାବି କରାଯାଇଛି। ବିରଳପ୍ରଜାତିର ବହୁ ଔଷଧୀୟ ଗୁଣର ଅଧିକାରୀ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ବିକାଶ ଅଭିଯାନରେ ବଙ୍ଗୋପସାଗର କୂଳରେ ପରିଦର୍ଶନ ଅବସରରେ ବିଭିନ୍ନ ସ୍ଥାନରେ କ୍ଷୟ ହେଉଥିବା ହେନ୍ତାଳ ବଣକୁ ଦେଖି ଆଗାମୀ ଦିନରେ ଏହା ଚିନ୍ତାର କାରଣ ହେବ। ଆସନ୍ତା ୨୬ ତାରିଖ ଆନ୍ତର୍ଜାତୀୟ 'ମେନଗ୍ରୁଭ ଡେ'କୁ ବ୍ୟାପକ ଭାବେ ପାଳନ କରିବା ସହିତ ଜନ ସଚେତନତା ବୃଦ୍ଧି କରିବା ସହ ସମୁଦ୍ରକୂଳ ସଫେଇ ପାଇଁ ଜନସାଧାରଣ, ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କୁ ସଙ୍ଗଠନ ମୁଖ୍ୟ ମାନବାଧିକାର କର୍ମୀ ସୁଧାକର ସେଠୀ ଆହ୍ୱାନ କରିଛନ୍ତି। ସାମୁଦ୍ରିକ ଜୀବର ବିକାଶ, ସୁରକ୍ଷା ତଥା ସାମୁଦ୍ରିକ ସୁସ୍ଥ ପରିବେଶ ପାଇଁ ହେନ୍ତାଳ ବଣର ବିକାଶ ଓ ସୁରକ୍ଷା ଆବଶ୍ୟକ। ଏହାଛଡ଼ା ସମଗ୍ର ଭାରତ ବର୍ଷରେ କେବଳ ବଙ୍ଗୋପସାଗର ଉପକୂଳରେ ଧାମରାଠାରୁ ହଳଦିଆ ବନ୍ଦର ପର୍ଯ୍ୟନ୍ତ ବହୁ ଔଷଧୀୟ ଗୁଣଧାରୀ ନୀଳରକ୍ତ କଙ୍କଡ଼ାର ଦୁଇଟି ବିରଳ ପ୍ରଜାତି ଯଥା ଟାକାଇପ୍ଲିୟସ ଗାଇଗସ ଏହାକୁ କୋଷ୍ଟାଲ ହରସୋକ୍ରାବ, କାରସିନୋସ୍କର୍ପିଓସ ରଟଣ୍ଡିକୋଡ଼ା ଏହାକୁ ମେନଗ୍ରୁଭ ହରସୋକ୍ରାବ ବୋଲି କୁହାଯାଏ। ସେମାନଙ୍କ ମଧ୍ୟରୁ ଗୋଟିଏ ପ୍ରଜାତି କାରସିନୋସ୍କର୍ପିଓସ ରଟଣ୍ଡିକୋଡ଼ାର ବିକାଶ ପାଇଁ ହେନ୍ତାଳ ବଣ ଆବଶ୍ୟକ ବୋଲି ଅଭିଯାନରେ ସାମିଲ ଥିବା ପରିବେଶବିତ୍ ତଥା ନୀଳରକ୍ତ କଙ୍କଡ଼ାର ଗବେଷିକା ଉପାସନା ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସମୁଦ୍ର ସୁସ୍ଥ ନ ରହିଲେ ଆଗାମୀ ଦିନରେ ବିପଦ ମାଡ଼ି ଆସିବ ବୋଲି ସଂଗଠନର ମୁଖ୍ୟ ସଂଯୋଜକ ରାମଜୀବନ ଗୋଛାୟତ କହିଛନ୍ତି। ନୀଳରକ୍ତ କଙ୍କଡ଼ା ପାଇଁ ଅଭୟାରଣ୍ୟ ଦାବିରେ ସାମିଲ ହୋଇଥିବା ସାମାଜିକ କର୍ମୀ ମଧୁସୂଦନ ଦାଶ, ଅମିୟବାଳା ପରିଡ଼ା, ଇଂ. ବିରୋଜ କୁମାର ରାଉତ, ବରୁଣ କୁମାର ଗିରି, ମୋନାଲିସା ସେଠୀ, ଡା. ଦୁର୍ଗାପ୍ରସାଦ ଦାସ, ଆଗ୍ନେଶା ପଟ୍ଟନାୟକ, ସାଗର ସୁନ୍ଦର ଦାଶ, ଗୀତାଞ୍ଜଳି ସେଠୀ ଓ ସଞ୍ଜୟ କୁମାର ଦାସ ପ୍ରମୁଖ ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ରଖିଛନ୍ତି।



ନଷ୍ଟ ହୋଇଯାଉଥିବା ହେନ୍ତାଳ ବଣ।

## ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଙ୍କୁ କୁନ୍ତଳା ମହାରଥା ମେଧା ସମ୍ମାନ

ଖଇରା, ୧୯।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ସରକାରୀ ହାଇସ୍କୁଲରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ କୁନ୍ତଳା ମହାରଥା ମେଧା ସମ୍ମାନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୁବନେତା ଅନନ୍ତ ପ୍ରସାଦ ବାରିକଙ୍କୁ ମୁଖ୍ୟଅତିଥି, ସୁନାମଧନ୍ୟ କବୟିତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ମହାରଥା ମୁଖ୍ୟବକ୍ତା, ବିଶିଷ୍ଟ ସାହିତ୍ୟିକ ସୁଦାମ ଚରଣ ରାଉତ ସମ୍ମାନିତ ବକ୍ତା, ମନ୍ମଥ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାରୀନେତ୍ରୀ ତଥା ସଙ୍ଗଠିକା କୁଞ୍ଜଲତା ମାହୁନ୍ତ, ବୀଣାପାଣି ନାୟକ ସହଯୋଗ କରିଥିବା ବେଳେ ପଳାଶପୁର ହାଇସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ନେଇ ଅନିଶ୍ଚିତତା | ଅଗଷ୍ଟ ୧ରେ ଜାତୀୟ ରାଜପଥ ଅବରୋଧ

ସୋର, ୧୯। ୭(ଜନ୍ମେଜୟ ମିଶ୍ର)-ସୋର ନାଗରିକ ମଞ୍ଚର ଜରୁରୀ ବୈଠକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରଥମେ ମଞ୍ଚର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଶ୍ୟାମସୁନ୍ଦର ପ୍ରଧାନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ନରହରି ନାୟକ ଗତ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟକାରୀ ସମ୍ପର୍କରେ ଅବଗତ କରାଇବା ସହ ଜାତୀୟ ରାଜପଥର କଲେଜ ଛକ ଏବଂ ଉତ୍ତରେଶ୍ୱରରେ ଥିବା ସଂକୀର୍ଣ୍ଣ ଗଳାପୋଲର ହେବାକୁ ଥିବା ସମ୍ପ୍ରସାରଣ ପ୍ରାୟ ଅନିଶ୍ଚିତ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିବା ପ୍ରକାଶ କରିଥିଲେ।

ବିଗତ ୨ବର୍ଷ ଧରି ଏହି ଦୁଇଟି ଅଣଓସାରିଆ ଗଳାପୋଲକୁ ଓସାରିଆ କରାଯିବା ପାଇଁ ନାଗରିକ ମଞ୍ଚ ତଥା ବିଭିନ୍ନ ଗଣସଙ୍ଗଠନର ଦାବି ଫଳରେ ଜାତୀୟ ରାଜମାର୍ଗ ଅଧିକାରୀ ଉଭୟ ପୋଲକୁ ୭୦ ଫୁଟ ଓସାରିଆ କରାଯିବା ସହ ଆବଶ୍ୟକ ଅର୍ଥ ମଧ୍ୟ ମଞ୍ଜୁର କରିଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମନମାନୀ ଯୋଗୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଅନ୍ୟପଟେ ଜାତୀୟ ରାଜପଥ କଲେଜ ଛକଠାରୁ ପାଇକାଳି ପର୍ଯ୍ୟନ୍ତ ରାଜପଥର ଦୁଇ ପାର୍ଶ୍ୱରେ ପର୍ଯ୍ୟାପ୍ତ ଜଳନିଷ୍କାସନ ସୁବିଧା ନ ଥିବାରୁ ରାସ୍ତା ବୁଡି ରହିବା ସହ ବାସଗୃହ, ବ୍ୟବସାୟ ପ୍ରତିଷ୍ଠାନରେ ଉଦବୃତ୍ତ ଜଳ ପ୍ରବେଶ କରୁଛି। ନାଗରିକ ମଞ୍ଚ ଏ ସମ୍ପର୍କରେ ବାରମ୍ବାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା ପରେ ମଧ୍ୟ ସୁଫଳ ନ ମିଳିବାରୁ ଅଗଷ୍ଟ ୧ ତାରିଖରେ ଜାତୀୟ ରାଜପଥ ଅବରୋଧ ପାଇଁ ଦେଢ଼ ମାସ ପୂର୍ବରୁ ଚିଠି ଲେଖାଯାଇଥିଲେ ମଧ୍ୟ ଜାତୀୟ ରାଜପଥ ଅଧିକାରୀ କିମ୍ବା ଜିଲା ପ୍ରଶାସନର ଉଦାସୀନତା ପାଇଁ ନାଗରିକ ମଞ୍ଚ ବାଧ୍ୟ ହୋଇ ଆସନ୍ତା ଅଗଷ୍ଟ ୧ତାରିଖରେ ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛି।

ବୈଠକରେ ନବକିଶୋର ଦାସ, ଗଙ୍ଗାଧର ପାଢ଼ୀ, ମାୟାଧର ନାୟକ, ମନୋଜ କୁମାର ରାୟ, ଜିତେନ୍ଦ୍ର କୁମାର ବେହେରା, ଜଗନ୍ନାଥ ବାରିକ, ନିତ୍ୟାନନ୍ଦ କର, ଅଦ୍ୱୈତ କୁମାର କର, ନିତ୍ୟାନନ୍ଦ ପାଣିଗ୍ରାହୀ, ପଙ୍କଜ କୁମାର ପଣ୍ଡା, ବଟଚନ୍ଦ୍ର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ବାରିକ, ଚକ୍ରଧର ପାଢ଼ୀ, ଶ୍ରୀଧର ପତ୍ରି ଓ ଉଦ୍ଧବ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## ୧୩୧ ୟୁନିଟ୍ ରକ୍ତ ସଂଗ୍ରହ

ବାହାନଗା,୧୯।୭(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ସୋର ବିଧାୟକ ମାଧବ ଧଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଧିରେଶ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର ଯୋଗଦେଇ ଜିଲାରେ ରକ୍ତ ଅଭାବ ପରିଲକ୍ଷିତ ହେବା ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ରକ୍ତ ସମସ୍ୟା ଦେଖାଦେଇଥିବାରୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଭିନବ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି କେତେଜଣ ଯୁବକମାନଙ୍କୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ କରାଇଥିଲେ। ୧୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ପିଏଚଇଓ ମଧୁସୂଦନ ବିଶ୍ୱାଳ, ବିପିଏମ ସୁଜାତା ବିଶ୍ୱାଳ, ଡିଏମ୍‌ଏ ମୋନାଲିସା ମହାନ୍ତି, ଲ୍ୟାବ ଟେକନିକାଲ ଜଗନ୍ନାଥ ପଣ୍ଡା, ସତ୍ୟପ୍ରକାଶ ଦାଶ, ବିନୋଦ ବିହାରି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଟେଣ୍ଡର ନୋଟିସ୍‌ରେ ତ୍ରୁଟି ନେଇ ଉପଜିଲାପାଳଙ୍କଠାରେ ଫେରାଦ

ନୀଳଗିରି, ୧୯।୭(ପ୍ରଶାନ୍ତ ବିଶ୍ୱାଳ)

ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପାର୍କିଂ ଷ୍ଟାଣ୍ଡ ଆସନ୍ତା ୨୦ତାରିଖରେ ନିଲାମ କରାଯିବ ବୋଲି ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ହେଲେ ଏହି ନୋଟିସ୍‌ରେ ଉଲ୍ଲେଖ ଥିବା ସର୍ତ୍ତାବଳୀରେ ତ୍ରୁଟି ରହିଥିବା କାରଣରୁ ତ୍ରୁଟି ସଂଶୋଧନ କରିବା ପାଇଁ ଉପଜିଲାପାଳ ଓ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ନିଲାମଧାରୀ। ତହସିଲଦାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ୧୨ ମାସ ନିମନ୍ତେ ଦେୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଗଷ୍ଟରୁ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମାତ୍ର ୮ମାସ ପାଇଁ ନିଲାମ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ୧୨ ମାସ ପରିବର୍ତ୍ତେ ୮ମାସର ଅର୍ଥ ଦାଖଲ କରିବାକୁ ଉଲ୍ଲେଖ କରିବା ପାଇଁ ଦାବି କରାଯାଇଛି। ଅର୍ଥାତ୍ ୮ ମାସ ପାଇଁ ନିଲାମ ଧରୁଥିବା ବ୍ୟକ୍ତି ୧୨ମାସର ଅର୍ଥ ସରକାରଙ୍କଠାରେ ପୈଠ ପାଇଁ ଆଦେଶ ଅଛି। ଏନେଇ ଟେଣ୍ଡର ଡାକିବାକୁ ଥିବା ଇଚ୍ଛୁକ ପ୍ରାର୍ଥୀମାନେ ଶୁକ୍ରବାର ସ୍ଥାନୀୟ ତହସିଲଦାର ଦୀପ୍ତିମୟୀ ବେହେରା ଓ ଉପଜିଲାପାଳ ମନ୍ଦରଧର ମହାଳିକ, ବାଲେଶ୍ୱର ଜିଲାପାଳ ଆଶିଷ ଠାକ୍‌ରେ ଓ ଦେବୋତ୍ତର ଆୟୁକ୍ତଙ୍କ ଭେଟି ନୂତନ ସଂଶୋଧିତ ନୂତନ ବିଜ୍ଞପ୍ତି ଜାରି କରି ନିଲାମ କରିବା ପାଇଁ ନିବେଦନ କରିଛନ୍ତି।

ସୂଚନା ଯେ, ଗତବର୍ଷ ଏହି ଗାଡ଼ି ଷ୍ଟାଣ୍ଡ ପାଇଁ ୨୫ଲକ୍ଷ ୫୦୦ଟଙ୍କାରେ ନିଲାମ ହୋଇଥିଲା। ଚଳିତବର୍ଷ ଏପ୍ରିଲ, ମେ, ଜୁନ ଓ ଜୁଲାଇ ମାସକୁ ବାଦ୍ କରାଯାଇ ନିଲାମ ଟଙ୍କା ଧାର୍ଯ୍ୟ କରିବା ପରିବର୍ତ୍ତେ ବିତିଯାଇଥିବା ଏହି ୪ମାସର ଟଙ୍କା ମିଶାଇ ତଥା ଗତବର୍ଷ ନିଲାମ ଟଙ୍କାର ୧୦% ଅର୍ଥ ବୃଦ୍ଧି କରି ମୋଟ ୨୭ଲକ୍ଷ ୫୦ହଜାରରୁ ନିଲାମ ଡାକ ଆରମ୍ଭ ହେବ ବୋଲି ତହସିଲଦାର ଧାର୍ଯ୍ୟ କରିଥିଲେ।



ଉପଜିଲାପାଳଙ୍କଠାରେ ଫେରାଦ ହେଉଛନ୍ତି ନିଲାମଧାରୀ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା

### ନୀଳଗିରି ପଞ୍ଚାୟତ ସମିତି ଚତୁର୍ଥ ଅଧିବେଶନ

ନୀଳଗିରି, ୧୯।୭(ପ୍ରଶାନ୍ତ ବିଶ୍ୱାଳ)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ନୀଳଗିରି ପଞ୍ଚାୟତ ସମିତି ଚତୁର୍ଥ ସାଧାରଣ ଅଧିବେଶନ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଞ୍ଚାୟତର ୧୨ ସରପଞ୍ଚ ଓ ୧୩ ସମିତି ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ଆଗାମୀ ବିଧାନସଭା ବଜେଟକୁ ଆଖି ଆଗରେ ରଖି ଉନ୍ନୟନମୂଳକ କାର୍ଯ୍ୟର ଏଜେଣ୍ଡା ପ୍ରସ୍ତୁତି ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। କେତେକ ଭାଜପା ସମର୍ଥିତ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସାଧାରଣ ନିର୍ବାଚନ ଥିବାରୁ ଦୀର୍ଘଦିନ ଧରି ସମିତି ବୈଠକ ହୋଇପାରି ନ ଥିବା ବେଳେ ତୁରନ୍ତ ବୈଠକର ଆବଶ୍ୟକତାକୁ ଉପଲବ୍ଧି କରି ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବ୍ଲକସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷା ମାଝିଙ୍କ ସମେତ ତହସିଲଦାର ଦିପ୍ତିମୟୀ ବେହେରା, ବିଡିଓ ରାହୁଲ ମଣ୍ଡଳ, ୧୧ନଂ.ଜିଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ ନଂ. ଜିଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ସହକାରୀ ଯନ୍ତ୍ରୀ ସରୋଜ କୁମାର ଉପାଧ୍ୟାୟ ବିଭିନ୍ନ ବିଭାଗର ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରଥମେ ପୂର୍ବ ବୈଠକର ପଠନ ଓ ଅନୁମୋଦନ ପରେ ସବ୍ କମିଟି ଗଠନ କରାଯିବା ସହ ୨୦୨୩-୨୪ ଆର୍ଥିକ ବର୍ଷର ଆୟ ବ୍ୟୟର ହିସାବ ସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଉନ୍ନୟନ, କୃଷି, ମତ୍ସ୍ୟ, ପଶୁପାଳନ, ଉଦ୍ୟାନ କୃଷି, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଓ ପରିମଳ, ସମନ୍ୱିତ ଶିଶୁବିକାଶ, ଖାଦ୍ୟ ଯୋଗାଣ, ପେନସନ, ପ୍ରଧାନମନ୍ତ୍ରୀ ଆବାସ, ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତି ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅଧିବେଶନରେ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ଏମ୍‌ପି ଏବଂ ଖୋଦ୍ ବିଧାୟକ ଅନୁପସ୍ଥିତ ରହିବା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି।

# ୯୫ ପିଲାଙ୍କୁ ୨ ଶିକ୍ଷକ

## ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ

ବାରିପଦା,୧୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ତାଲା ପଡ଼ିଥିବାରୁ ସ୍କୁଲ ଗେଟ୍ ଆଗରେ ଛିଡ଼ା ହୋଇଥିବା ଛାତ୍ରୀଛାତ୍ରମାନେ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦଲକି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟାକୁ ନେଇ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଧାରଣାରେ ବସିଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଓ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖୁବ୍ ଶୀଘ୍ର ଶିକ୍ଷକ ପଦବୀ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅଭିଭାବକମାନେ କହିଛନ୍ତ। ବଡ଼ସାହି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଲାଗିରହିଛି। ପ୍ରତିଦିନ ଧାରଣା ଦିଆଯିବା ସହ ସ୍କୁଲରେ ତାଲା ବନ୍ଦ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ଦୁର୍ଗାପୁର ଗ୍ରାମ ପଞ୍ଚାୟତ ଦଲକି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମିଶାଇ ୪ଜଣ ଶିକ୍ଷାଦାନ କରୁଥିଲେ। କିଛି ଦିନ ପୂର୍ବେ କୌଣସି ଏକ ଘଟଣାକୁ ନେଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯିବା ସହ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ବଦଳି କରାଯାଇଥିଲା। ଫଳରେ ଦୁଇ ଶିକ୍ଷକଙ୍କୁ ନେଇ ପାଠପଢ଼ା ଚାଲୁ ରହିଥିବା ବେଳେ ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ପିଲା ବସି ପାଠପଢୁଛନ୍ତି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍କୁଲ ପରିଚାଳନା କମିଟି ପକ୍ଷରୁ ଶିକ୍ଷକ ନିଯୁକ୍ତିକୁ ନେଇ ବାରମ୍ବାର ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଓ ବିଧାୟକଙ୍କୁ ଅବଗତ କରଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରି ନ ଥିଲେ । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ଘୋର ବ୍ୟାଘାତ ହେବା ସହ କିଛି ବିଷୟରେ ପାଠ ପଢ଼ା ଆଦୌ ହୋଇପାରୁ ନ ଥିଲା। ଏହାକୁ ନେଇ ଅଭିଭାବକମାନେ ପୂର୍ବାହ୍ନ ୧୦ଟାରୁ ତାଲା ପକାଇ ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରମାନେ ଗେଟ ସମ୍ମୁଖରେ ବସି ପାଠ ପଢ଼ିଥିବା ବେଳେ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇଛନ୍ତି। ଯଥାଶୀଘ୍ର ସମାଧାନ କରି ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

# ସରିଲା ଚିତ୍ରଡ଼ା ଘୋଷଯାତ୍ରା

## ନୀଳାଦ୍ରିବିଜେ କଲେ ମହାପ୍ରଭୁ


ମହାପ୍ରଭୁଙ୍କ ଅଧରପଣା ନୀତି।

ମୋରଡ଼ା,୧୯।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ରରେ ଚଳିତ ବର୍ଷ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ନବଦିନାତ୍ମକ ଯାତ୍ରା ସାରି ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହିତ ଜଗତର ନାଥ ଜଗନ୍ନାଥ ରତ୍ନବେଦୀକୁ ଫେରିଛନ୍ତି। ଗୁରୁବାର ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ରଥରେ ବିରାଜମାନ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ରତ୍ନବେଦୀକୁ ଯିବା ପୂର୍ବରୁ କାଳିଆ ସାଆନ୍ତ ରସଗୋଲା ଦେଇ ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ କରାଇଥିଲେ। ଭକ୍ତମାନେ ମଧ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ରସଗୋଲା ଭୋଗ ଲଗାଇଥିଲେ। ରୀତିନୀତି ଅନୁସାରେ ମହାସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନୂଆ ବସ୍ତ୍ର ପିନ୍ଧା ଯାଇଥିଲା। ଏହାପରେ ୩ ଠାକୁର ନୀଳାଦ୍ରି ବିଜେ କରିଥିଲେ।

# ବଜ୍ରପାତରେ ଜଣେ ଗୁରୁତର

ମୋରଡ଼ା,୧୯।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସାନମୁନ୍ଧାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ଜେନା ହାଁସଦା ବଜ୍ରପାତରେ ଗୁରୁତର ହୋଇଛନ୍ତି। ଶୁକ୍ରବାର ଘର ନିକଟସ୍ଥ ପଡ଼ିଆରେ ଗୋରୁ ବାନ୍ଧୁଥିବା ସମୟରେ ବଜ୍ରପାତରେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରମାଇଲସ୍ଥିତ କିଷାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ବଜ୍ରପାତରେ ତାଙ୍କର ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ‘ଶିଶୁ ଅପରାଧୀଙ୍କୁ ଦଣ୍ଡ ନୁହେଁ, ସଂସ୍କାର ଜରୁରୀ’



ସଚେନତତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିଶୁ ନ୍ୟାୟିକ ଆଇନ ଓ ଶିଶୁ ଶିକ୍ଷାଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ସମସ୍ତ ବର୍ଗ ଅବଗତ ହେବା ସାମ୍ପ୍ରତିକ ସମୟରେ ଏକ ବଡ଼ ଆହ୍ୱାନ ପାଲଟିଛି। ଏହି ପରିପ୍ରେକ୍ଷୀରେ ଜିଲା ଆଇନ ସେବା ପ୍ରାଧିକରଣ ମୟୂରଭଞ୍ଜ ପକ୍ଷରୁ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ପୋରୋହିତ୍ୟ କରି ଏମ୍‌ପିସି କଲେଜର ବିଭିନ୍ନ ସଫଳତା ମୂଳକ କୀର୍ତ୍ତିମାନ ସମ୍ପର୍କରେ ସୂଚନା ଦେବା ସହ ଶିଶୁ ଶିକ୍ଷାଧିକାର ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ପୁନମ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ଅପରାଧୀଙ୍କୁ ଦଣ୍ଡବିଧାନ ନୁହେଁ ଚାରିତ୍ରିକ ସଂସ୍କାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ଡିଏସ୍‌ପି ମମତା ସାହୁ ଶିଶୁମାନଙ୍କ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥା ନେଇ ସର୍ବଦା ପୋଲିସ ତତ୍ପର ଓ ସେବା ମନୋଭାବ ନେଇ କାର୍ଯ୍ୟ କରୁଥିବା କହିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଜଗଦୀଶ ଚନ୍ଦ୍ର ଘଡେଇ ଉପସ୍ଥିତ ରହି ମୟୂରଭଞ୍ଜର ବିଭିନ୍ନ ଶିଶୁ ପୁନର୍ବାସ କେନ୍ଦ୍ର ସମ୍ପର୍କରେ ସୂଚନା ଦେବା ସହ ଶିଶୁ ଶିକ୍ଷାଧିକାର ଆଇନର କାର୍ଯ୍ୟକାରିତା ନେଇ ମତପୋଷଣ କରିଥିଲେ। ଆଇନ ସ୍ୱେଚ୍ଛାସେବୀ ରବିନ୍ଦ୍ର କୁମାର ମହାନ୍ତି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କଲେଜର ଶୈକ୍ଷିକ ମୁଖ୍ୟ ଡ. ଆଲବେର୍ଟିନା ତିର୍କୀ ବିଷୟ ନିର୍ଯ୍ୟାସ ଉପସ୍ଥାପନ କରିବା ସହ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍, ରେଡକ୍ରସ ୟୁନିଟର ସ୍ୱେଚ୍ଛାସେବୀ ଓ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଆରମ୍ଭ ହେଲା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

ବାରିପଦା,୧୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ସବ-ଜୁନିଅର (୧୫ ବର୍ଷରୁ କମ୍) ଓ ଜୁନିଅର (୧୯ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟକୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ପ୍ରତ୍ୟକ୍ଷ ସହଯୋଗରେ ଏହି ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ୩ଦିନ ଧରି ହେବାକୁ ଥିବା ଟୁର୍ନାମେଣ୍ଟରେ ସମୁଦାୟ ୧୨୬ ଜଣ ଖେଳାଳି ବିଭିନ୍ନ ବର୍ଗର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ଯୁଗ୍ମ ସଚିବ ଶୈଳେନ୍ଦ୍ର ଚୌଧୁରୀ, ମନୋରଞ୍ଜନ ପଣ୍ଡା, ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଆସୋସିଏସନର ସଚିବ ସମୀର ଦାସ, ଭଦ୍ରକ ଜିଲା ବ୍ୟାଡମିଣ୍ଟନ ଆସୋସିଏସନର ସଚିବ ଦୀପକ ମହାନ୍ତି, ରବୀନ୍ଦ୍ର ବେହେରା, ଅଜୟ ମୋଦୀ, ସୋମେନ କାନ୍ତି ମହାନ୍ତି, ସନ୍ତୋଷ ବିଶୋଇ ଓ ରୁପମ ସ୍ୱାଇଁ ଏହି ଟୁର୍ନାମେଣ୍ଟକୁ ପରଚାଳନା କରୁଛନ୍ତି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅନ୍ୟମାନେ।

# ରଥଯାତ୍ରାରେ ସେବାମୂଳକ କାର୍ଯ୍ୟ

ବାରିପଦା,୧୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବାରିପଦା ରଥଯାତ୍ରାରେ କରାଯାଇଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ବିଶେଷ ଷ୍ଟଲ ମାଧମରେ ଗତ ୮ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ଷ୍ଟଲରେ ସ୍ୱେଚ୍ଛାସେବୀମାନେ ପାନୀୟ ଜଳଯୋଗାଣ ସହ ଲୋକଙ୍କୁ ସହାୟତା କରୁଥିଲେ। ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ପର୍ଯ୍ୟାୟରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ୍ ହିମବିନ୍ଦୁ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ, ପ୍ରଫେସର ସୁକାନ୍ତ କୁମାର ନାୟକ, ଡ. ଯତୀନ୍ଦ୍ରନାଥ ବେଶ୍ରା, ପ୍ରଦୀପ କୁମାର ବରାଳ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

# ଶିଶୁଙ୍କ ସୁରକ୍ଷା ନେଇ କର୍ମଶାଳା

ବାରିପଦା,୧୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା କମିଟି ତଥା କାର୍ଯ୍ୟକାରିଣୀ କମିଟି ପକ୍ଷରୁ ଶିଶୁମାନଙ୍କ ପାଇଁ ଦିନଟିଏ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତ ଅଧିକାରୀ ତଥା ଶିଶୁ ସୁରକ୍ଷା ବିଭାଗ ସହିତ ଜଡିତ ଥିବା ବେସରକାରୀ ଅନୁଷ୍ଠାନଗୁଡିକର କର୍ମକର୍ତ୍ତାଙ୍କ ସହ ଜିଲା ଶିଶୁ ସୁରକ୍ଷାଧିକାରିଣୀ ମମତାମୟୀ ବିଶ୍ୱାଳ ଆଲୋଚନା କରିଥିଲେ। ସୂଚନା ଅନୁସାରେ, ଜିଲାରେ ୧୧ଟି ଆନୁଷ୍ଠାନିକ ଶିଶୁ ଯତ୍ନ କେନ୍ଦ୍ର ଥିବା ବେଳେ ଏଥିରେ ୫୨୫ ଜଣ ଶିଶୁଙ୍କର ଯତ୍ନ ନିଆଯାଉଛି ଏବଂ ସେମାନଙ୍କ ଆବଶ୍ୟକୀୟ ପାଠପଢା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ମଧ କରାଯାଉଛି। ଜିଲାରେ ଥିବା ୪୦୪ ପଞ୍ଚାୟତ ଏବଂ ୨୬ଟି ବ୍ଲକରେ ଶିଶୁମାନଙ୍କ ସୁରକ୍ଷା ପାଇଁ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ଜିଲା ଶିକ୍ଷାଧିକାରୀ ପୂର୍ଣଚନ୍ଦ୍ର ସେଠୀ, ଜିଲା ରୋଜଗାର ଅଧିକାରୀ ଆଶିଷ ବସନ୍ତିଆ ଯୋଗ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବ୍ଲକ୍‌ସ୍ତରୀୟ ସମୀକ୍ଷା

ପାଟଣା,୧୯।୭ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ତହସିଲଦାର ଲୀଳାବତୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କେନ୍ଦୁଝର ଏଆର୍‌ସିଏସ୍ ସୁଦର୍ଶନ ନାଏକ, ବିଡିଓ ଶିବଶଙ୍କର ମୁର୍ମୁ, ଗୋଷ୍ଠୀ କୃଷି ଅଧିକାରୀ ବର୍ଷା ବୈଶାଳି, ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ସତ୍ୟପ୍ରକାଶ ଦ୍ୱିବେଦୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ କୁମାର ସେଠୀ, ସମବାୟ ବ୍ୟାଙ୍କ ପରିଚାଳକ ନିଶା ପ୍ରଜାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ଅଲୋଚନା କରାଯାଇଥିଲା। ଚଳିତବର୍ଷ ଫସଲବୀମା ଯୋଜନାରେ ସମସ୍ତ ଋଣୀ ଓ ଅଣଋଣୀ ଚାଷୀ ଆସନ୍ତା ୩୧ ତାରିଖ ମଧରେ ପ୍ଲଟ୍‌ପ୍ରତି ୧ ଟଙ୍କା ଦେଇ ନିଜର ଫସଲକୁ ବୀମାଭୁକ୍ତ କରିପାରିବେ ବୋଲି ଅବଗତ କରାଯାଇଛି।

# ଚୋରା କାରବାରରେ ଲାଗୁନି ଅଙ୍କୁଶ

ବାରିପଦା,୧୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଲଘୁ ଖଣିଜ ଦ୍ରବ୍ୟ

- ବେଆଇନ ପଥର ବ୍ଲାଷ୍ଟିଂ, ଥରୁଛି ଗାଁ ଦାଣ୍ଡ
- ବନ୍ଦ ପଡ଼ିଛି ୧୩୩ ସଇରାତ୍
- ରାଜସ୍ୱ ହରାଉଛନ୍ତି ସରକାର


ପଥର ବ୍ଲାଷ୍ଟିଂ କରାଯାଉଛି।

ମୟୂରଭଞ୍ଜ ଜିଲାରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ପାଦଦେଶ ତଥା ଆଖପାଖ ଅଞ୍ଚଳରେ ନିୟମ ଉଲ୍ଲଂଘନ କରି ପଥର ବ୍ଲାଷ୍ଟିଂ କରାଯାଉଛି। ନଦୀର ବାଲି ସଇରାତଗୁଡ଼ିକରୁ ଶହ ଶହ ଟ୍ରିପ ଲଘୁ ଖଣିଜର ଅପବ୍ୟବହାର କରାଯାଉଛି। ଜାଣିଶୁଣି ପ୍ରଶାସନ ଚୁପ୍ ବସିଥିବା ବେଳେ ବିଭାଗରେ କର୍ମଚାରୀ ଅଭାବରୁ ଅଧିକାରୀମାନେ ହାତ ଟେକି ଦେଇଥିବା ଲକ୍ଷ୍ୟ କରାଯାଉଛି। ବାଲି, ପଥର, ମୋରମ ଚୋରାଚାଲାଣ ଓ ବେଆଇନ ଉତ୍ତୋଳନରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲର ଛାଟ ବାଜିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଲଘୁ ଖଣିଜ ପରିଚଳନା ଦାୟିତ୍ୱ ରାଜସ୍ୱ ବିଭାଗ ଅଧୀନରୁ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇଛି। ଜିଲାର ୨୬ଟି ତହସିଲ ଅଧୀନରେ ୨୦୩ଟି ସଇରାତ ରହିଛି। ସେଥି ମଧ୍ୟରୁ ୭୭ଟି ବାଲି, ୮୬ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୧୬୧ଟି ବିଭାଗ ଅଧୀନକୁ ଆସିଛି। ଅବଶିଷ୍ଟ ୪୨ ଗୋଟି ସଇରାତ ବିଭିନ୍ନ କାରଣ ଓ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ବିଚାରାଧିନ ଅବସ୍ଥାରେ ରହିଛି। ଫଳରେ ଏହି ସଇରାତଗୁଡ଼ିକ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ୬୪ଟି ବାଲି ଓ ୬୯ଟି ପଥର ଖାଦାନକୁ ମିଶାଇ ଜିଲାରେ ମୋଟ ୧୩୩ଟି ସଇରାତ ବନ୍ଦ ପଡ଼ିଛି । ସରକାରୀ ସ୍ତରରେ ୪୦ଟି ବାଲି, ୨୯ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୭୦ଟି ସଇରାତକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ମାତ୍ର ବିଭିନ୍ନ କାରଣରୁ ଲିଜ୍‌ଧାରୀ ଆବଶ୍ୟକ ଦସ୍ତାବିଜ୍ ଦାଖଲ ନ କରିବା ସହ ଏଗ୍ରିମେଣ୍ଟ କରି ନ ଥିବାରୁ ତହସିଲ ପକ୍ଷରୁ ୨ଟି ପଥର ଓ ୨୨ଟି ବାଲି ସଇରାତକୁ ମିଶାଇ ମୋଟ ୨୪ଟି ଲିଜ୍ ସଇରାତ କରାଯାଇଛି। ଅବଶିଷ୍ଟ ୪୬ଟି ମଧ୍ୟରୁ ବାଲି ୧୭ଟି, ପଥର ୨୭ଟି ଓ ଗୋଟିଏ ମୋରମ ଖାଦାନ ଚାଲୁ ରହିଛି। ସେଥି ମଧ୍ୟରୁ ଇ-ପାସ୍ ମାଧ୍ୟମରେ ଖଣିଜ ଦ୍ରବ୍ୟର ପରିବହନ କରାଯାଉଛି। ସେହିପରି ନିଲାମ ହେବାକୁ ଥିବା ୨ଟି ସଇରାତ ମଧ୍ୟରୁ ଗୋପବନ୍ଧୁ ନଗର ଓ ବୁଢ଼ାବଳଙ୍ଗ ବାଲି ସଇରାତ ବେତନଟୀ-୧ ରହିଛି। ତେବେ ବେତନଟୀ ସଇରାତର ଜିଲା ସର୍ଭେ ରିପୋର୍ଟ ପ୍ରଦାନକୁ ନେଇ ବାହାରିଥିବା ତ୍ରୁଟି ଯୋଗୁ ଏନ୍‌ଜିଟି ପକ୍ଷରୁ ରହିତାଦେଶ ଜାରି କରାଯାଇଛି। ଜିଲା ପ୍ରାଶସନ ପକ୍ଷରୁ ସର୍ଭେ କରା ନ ଯାଇ ପୁରୁଣା ସର୍ଭେ ରିପୋର୍ଟ ଆଧାରରେ ନିଲାମ କରାଯାଉଥିବା ନେଇ ଅଭିଯୋଗ ହେବା ପରେ କୋର୍ଟ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ଜିଲାରେ ୧୫୭ଟି ସଇରାତ ବନ୍ଦ ପଡ଼ିଥିବାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟ ପକ୍ଷରେ ଜିଲାବାସୀଙ୍କ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ବନ୍ଦ ପଡ଼ିଥିବା ସଇରାତଗୁଡ଼ିକରୁ ଲକ୍ଷ ଲକ୍ଷ ସିୟୁଏମ୍ ବାଲି ଓ ପଥର ଚୋରାରେ ଚାଲାଣ କରାଯାଉଛି।

ସେହିପରି ପଥର ଖାଦାନଗୁଡ଼ିକରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯିବା ଦ୍ୱାରା ଆଖପାଖ ଗାଁ ଗଣ୍ଡାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଶକ୍ତିଶାଳୀ ବ୍ଲାଷ୍ଟିଂ ଯୋଗୁ ଘରଗୁଡ଼ିକ ଦୋହଲି ଯାଉଥିବା ବେଳେ ଧୂଳିଧୂଆଁରେ ଆଖପାଖ ଅଞ୍ଚଳ ଆଚ୍ଛାଦିତ ହୋଇଯାଉଛି। ଫଳରେ ବାୟୁ ପ୍ରଦୂଷଣ ଓ ଧୂଳିଧୂଆଁ ମିଶ୍ରିତ ଖାଦ୍ୟ ଖାଇ ଲୋକେ ମାରତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ପଥର ଖୋଳିବାର ନିୟମ ରହିଥିଲେ ମଧ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଖନନ ଜାରି ରହିଛି। ଫଳରେ ବର୍ଷା ଦିନେ ଜମି ରହୁଥିବା ପାଣିରେ ଗୋରୁ ପାଣି ପିଇବାକୁ ଯାଇ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଧନଜୀବନ ହାନି ହେଉଛି। ୪୦କିମି ପରିଧି ମଧ୍ୟରେ କୌଣସି କମ୍ପାନୀ ପକ୍ଷରୁ ସରକାରୀ କାର୍ଯ୍ୟ କରାଯାଉଥିଲେ ପଥର ଯୋଗାଇବାର ନିୟମ ରହିଛି। ମାତ୍ର ଲିଜ୍‌ଧାରୀମାନେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ପଡ଼ୋଶୀ ବାଲେଶ୍ୱର, ଭଦ୍ରକ ଏବଂ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରାଚାଲାଣ କରୁଛନ୍ତି।

ଜିଲାରୁ ମିଳୁଥିବା ରାଜସ୍ୱ ଏବେ ଲଘୁ ଖଣିଜ ଚୋରା ଚାଲାଣକାରୀଙ୍କ ପକେଟକୁ ଯାଉଥିବାରୁ ସାଧାରଣ ଲୋକେ ଉଚିତ ମୂଲ୍ୟରେ ଖଣିଜ ଦ୍ରବ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ସଂକ୍ରାନ୍ତରେ ଲଘୁ ଖଣିଜ ବିଭାଗୀୟ ଅଧିକାରୀ ଉଦୟଭାନୁ ସାହୁଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ଚୋରାଚାଲାଣ ରୋକାଯାଇ ପାରୁନାହିଁ । ପ୍ରତି ତହସିଲରେ ୫ଜଣ କର୍ମଚାରୀ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା କରୁଥିବା ବେଳେ ବିଭାଗ ପାଖରେ ମାତ୍ର ହାତଗଣତି କର୍ମଚାରୀ ରହିଛନ୍ତି । କାର୍ଯ୍ୟାଳୟ ଚଳାଇବା ପାଇଁ କର୍ମଚାରୀଙ୍କ ଅଭାବ ରହିଥିବା ବେଳେ ଚୋରା ଚାଲାଣକୁ କିପରି ରୋକିହେବ ବୋଲି ସେ କହିଛନ୍ତି।

# ବଡ଼ବିଲରେ ରସଗୋଲା ଦିବସ

ବଡ଼ବିଲ,୧୯।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ରସଗୋଲା ଦିବସ ପାଳନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ଅବସରରେ ଅନୁଷ୍ଠାନ ତରଫରୁ ଏହି ଦିବସକୁ ରସଗୋଲା ଦିବସ ରୂପେ ପାଳନ କରାଯାଇଛି। ଅନୁଷ୍ଠାନର ସଦସ୍ୟ ଦେବକାନ୍ତ ଦାସ ସାଲେପୁରରୁ ରସଗୋଲା ଆଣିବାର ସମସ୍ତ ବ୍ୟବସ୍ଥା କରିଥିଲେ। ଅନୁଷ୍ଠାନର ସମ୍ପାଦକ କପିଳ ମହାନ୍ତିଙ୍କ ଅନୁରୋଧ କ୍ରମେ ସଭାପତି ବଳରାମ ମହାନ୍ତି ପ୍ରଭୁ ଜଗନ୍ନାଥ ଓ ମା’ ଲକ୍ଷ୍ମୀଙ୍କ ମାନଭଞ୍ଜନର ପ୍ରତୀକ ରସଗୋଲାର ପ୍ରଚଳନ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ରାଜକିଶୋର ଦାଶ, ବିଜୟ ମହାନ୍ତି, ବିଶ୍ୱନାଥ ରଣା, ସତ୍ୟଜିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ପରସ୍ପରକୁ ରସଗୋଲା ଖୁଆଇଥିଲେ।



ରସଗୋଲା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ନୀଳାଦ୍ରି ଅନୁଷ୍ଠାନର କର୍ମକର୍ତ୍ତାମାନେ।

